## ଚିକିଟି ଅପହରଣ ମାମଲା; ମାଷ୍ଟରମାଇଣ୍ଡ କାର୍ତ୍ତିକ ଗିରଫ




ବ୍ରହ୍ମପୁର,୧୮ ।୯ (ସମିସ): ଗତ ଜାନୁଆରୀ ୨୬ରେ କଟକ ଗୋବିନ୍ଦପୁରର ବ୍ରହ୍ମାନନ୍ଦ ପାତ୍ର, କଟକ ତୁଳସୀପୁର ଅଞ୍ଚଳର ଅହମ୍ମଦ ଖାନ୍, ଭୁବନେଶ୍ୱର ଗଡ଼ ନହରକଣ୍ଟାର ଅମରଜିତ ସାମନ୍ତସିଂହାର ଓ ଦିଲ୍ଲୀର ରବୀନ୍ଦ୍ର କୁମାର ଆଦି ୪ଜଣଙ୍କୁ ଅପହରପଣ କରି ୧କୋଟି ଦାବି କରିଥିଲେ ଦୁର୍ବୃତ୍ତ। ଏହି ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତ ତଥା ଗୋଷାଣୀନୂଆଗାଁର ନିବାସୀ ବର୍ତ୍ତମାନ ଲାଞ୍ଜିପଲ୍ଲୀରେ ରହୁଥିବା କାର୍ତ୍ତିକ ବେହେରା ଓରଫ ଆନ୍ନା(୨୩)କୁ କେନୂଆଗାଁ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ମାମଲାରେ ଚିକିଟିଗଡ଼ର ନୂତନ ପାତ୍ର, ଗେଟବଜାର ବିଲ ସାହିର ଦୁର୍ଦ୍ଦାନ୍ତ ଅପରାଧୀ ଦଣ୍ଡ ମହାରଣା, ମାଷ୍ଟରମାଇଣ୍ଡ ଆନ୍ନାର ବାପା ଶଶିକାନ୍ତ ବେହେରାଙ୍କ ସମେତ ମୋଟ ୧୧ଜଣଙ୍କୁ ପୁଲିସ ଗିରଫ କରିଥିଲା।

ସୂଚନାଯୋଗ୍ୟ ଯେ, କଟକ ଗୋବିନ୍ଦପୁର, ତୁଳସୀପୁର, ଭୁବନେଶ୍ୱର ଗଡ଼ ନହରକଣ୍ଟା ଅଞ୍ଚଳରୁ ୪ଜଣଙ୍କୁ ଦୁର୍ବୃତ୍ତ ଅପହରଣ କରି ୧କୋଟି ଦାବି କରିଥିଲେ। ଦୁର୍ବୃତ୍ତଙ୍କ କବଳରୁ କୌଶଳକ୍ରମେ ଅମରଜିତ ମୁକ୍ତି ଖସିଆସି ଜାନୁଆରୀ୨୭ରେପୁଲିସନିକଟରେଅଭିଯୋଗକରିଥିଲେ।ଏହିମାମଲାରେ ପୁଲିସ ପ୍ରର୍ଯ୍ୟାୟକ୍ରମେ କାର୍ତ୍ତିକଙ୍କ ସମେତ ୧୨ଜଣଙ୍କୁ ଗିରଫ କରିଥିଲା। କାର୍ତ୍ତିକ ହାଇକୋର୍ଟରୁ ନୋଟ୍ ଆରେଷ୍ଟ ବେଲ ପାଇଥିବାରୁ କେନୂଆଗାଁ ଥାନା ପୁଲିସ ଗିରଫ ବେଳେ ଛାଡିଥିଲା। ବେଲର ଅବଧି ଶେଷ ପରେ ସେ ଫେରାର ହୋଇଯାଇଥିଲା। ପୁଲିସ ଟିମ୍ ଦୀର୍ଘଦିନ ଧରି କାର୍ତ୍ତିକକୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶେଷରେ ଗୁରୁବାର ତାକୁ ଗିରଫ କରିବାରେ ସଫଳ ହୋଇଛି। ପୁଲିସ ପୂର୍ବରୁ ତା'ଠାରୁ ଏକାଧିକ କାର୍ ଜବତ କରିଥିଲା। ବର୍ତ୍ତମାନ କାର୍ତ୍ତିକର ଟିଆଇ ପରେଡ଼ ହେବ ବୋଲି ଜଣାପଡ଼ିଛି।

## ମାଡ଼ମାରି ଟଙ୍କା ଲୁଟ୍ ଘଟଣା; ୩ ଗିରଫ




ବ୍ରହ୍ମପୁର,୧୮ ।୯ (ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ଚାଞ୍ଚଡ଼ା ପଡ଼ିଆ ସାହିର ସୁମନ ମହାନ୍ତି(୫୯)ଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନେହେରୁନଗର ୧୦ମ ଲାଇନ୍‌ର ଜଗନ୍ନାଥ ମହାରଣା ଓରଫ ବଳି(୨୫), ଷ୍ଟେସନ୍‌ରୋଡ ରେଲୱେ କଲୋନୀର ବିଶାଲ ଶର୍ମା(୨୪) ଓ କଦଳିବାଡ଼ ସାହିର ରାଜ ପାତ୍ର(୨୦)। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଗୋଟିଏ ବାଇକ, ୬ ଟି ମୋବାଇଲ ଓ ନଗଦ ୭୦୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ବଳି ଜଣେ ପୁରୁଣା ଅପରାଧୀ।। ତାଙ୍କ ନାମରେ ଗୋଷାଣୀନୂଆଗାଁ ଥାନାରେ ୫ରୁ ଅଧିକ ମାମଲା ରହିଛି। ସେହିପରି ଅଭିଯୁକ୍ତ ବିଶାଲ ନାମରେ ବୈଦ୍ୟନାଥପୁର ଥାନା ଓ ଗୋଷାଣୀନୂଆଗାଁ ଥାନାରେ ୨ଟି ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡିଛି।

ସୂଚନାଥାଉକି, ଆଜକୁ ୩ଦିନ ତଳେ ଚାଞ୍ଚଡ଼ା ପଡ଼ିଆସାହିର ସୁମନ ନିଜ କାମ ସାରି ରାତି ସାଢେ ୮ଟା ବେଳେ ଘରକୁ ଫେରୁଥିବା ବେଳେ ୩ ଜଣ ଜଣ ଦୁର୍ବୃତ୍ତ ତାଙ୍କୁ ଶିଶୁ ମନ୍ଦିର ସମ୍ମୁଖରେ ଅଟକାଇ ମାଡ଼ ମାରି ପକେଟରୁ ୧୫୦୦ ଟଙ୍କା ନେଇ ଯାଇଥିଲେ। ଏନେଇ ସୁମନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୩୫୦/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ଜୁଆ ଆଡ୍ଡାରେ ଚଢ଼ଉ

ବ୍ରହ୍ମପୁର,୧୮।୯ (ସମିସ): ଲାଞ୍ଜିପଲ୍ଲୀ ରେରିକାସାହି ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ବୈଦ୍ୟନାଥପୁର ଥାନା ପୁଲିସ ଚଢ଼ଉ କରିଛି। ସେଠାରୁ ୬ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ପୁଲିସ ନଗଦ ୨୭ ହଜାର ୧୮୦ ଟଙ୍କା ଓ ୩ ମୋବାଇଲ ଜବତ କରିଥିବା ସୂଚନା ଦେଇଛି। ଆଗକୁ ଦଶହରା ଆସୁଥିବାରୁ ଏଠାରେ କିଛିଦିନ ହେବ ଜୁଆଖେଳ ଚାଲୁଥିଲା। ଖବର ମିଳିବା ପରେ ଗତକାଲି ପୁଲିସ ପକ୍ଷରୁ ସେଠାରେ ଅତର୍କିତ ଚଢ଼ଉ କରାଯାଇଥିଲା।

# ପାସପୋର୍ଟ ସେବାକୁ ନେଇ ବ୍ରହ୍ମପୁରରେ ବଢୁଛି ଜନଅସନ୍ତୋଷ

ବ୍ରହ୍ମପୁର,୧୮ ।୯ (ସମିସ)

ବିଦେଶ ଯାତ୍ରା ଲାଗି ପାସ୍‌ପୋର୍ଟ ଅପରିହାର୍ଯ୍ୟ ଥିବାବେଳେ ବ୍ରହ୍ମପୁରରେ ଏଥିପାଇଁ ଆବେଦନକାରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ରହ୍ମପୁର ମୁଖ୍ୟ ଡାକଘର ପରିସରରେ ଥିବା ପାସ୍‌ପୋର୍ଟ ସେବା କେନ୍ଦ୍ରରେ ସୀମିତ ସଂଖ୍ୟକ ସ୍ଲଟ ଉପଲବ୍ଧ ଯୋଗୁ ସମସ୍ୟା ବଢ଼ିବାରେ ଲାଗିଛି। ଫଳରେ ପାସ୍‌ପୋର୍ଟ ପାଇଁ ଆବେଦନକାରୀଙ୍କୁ ମାସ ମାସ କାଳ ଅପେକ୍ଷା କରିବାକୁ ପଡୁଛି। ତେବେ ପାସପୋର୍ଟ ପାଇଁ ଅପେକ୍ଷାରତ ଆବେଦନକାରୀଙ୍କୁ ପରବର୍ତ୍ତି ସମୟରେ ବିଭିନ୍ନ କାରଣରୁ ନିରାଶ ହେବାକୁ ପଡୁଛି।

ସୂଚନାଯୋଗ୍ୟ ଯେ, ଲୋକଙ୍କୁ ସୁବିଧାରେ ପାସ୍‌ପୋର୍ଟ ସେବା ପ୍ରଦାନ ପାଇଁ ବ୍ରହ୍ମପୁର ସ୍ଥିତ ମୁଖ୍ୟ ଡାକଘର ପରିସରରେ ୨୦୧୬ରେ ପାସ୍‌ପୋର୍ଟ ସେବାକେନ୍ଦ୍ର ସ୍ଥାପନ କରାଯାଇଥିଲା। ଜଣେ ସାଧାରଣ ନାଗରିକ ପାସ୍‌ପୋର୍ଟ ଆବେଦନ କରିବା ପରେ ସ୍ଲଟ ବୁକିଂ କରି କାର୍ଯ୍ୟାଳୟ ପକ୍ଷରୁ ଧାର୍ଯ୍ୟ ତାରିଖ ଅନୁସାରେ କେନ୍ଦ୍ରକୁ ବ୍ୟକ୍ତିଗତ ଭାବେ ହାଜର ହୋଇ ଆବଶ୍ୟକ ସାର୍ଟିଫିକେଟ୍ ଯାଞ୍ଚ କରିବାକୁ ପଡିଥାଏ। ବର୍ତ୍ତମାନ ଏହି କେନ୍ଦ୍ରରେ ନୂତନ କିମ୍ବା ନବୀକରଣ ସମ୍ବନ୍ଧୀୟ ସେବା ଓ ପୁଲିସ କ୍ଲିୟରାନ୍ସ ସାର୍ଟିଫିକେଟ(ପିସିସି) ଭଳି ମୁଖ୍ୟତଃ ଦୁଇ ପ୍ରକାର ସେବା ଉପଲବ୍ଧ ହେଉଛି। ନବୀକରଣ, ନୂଆ ଆବେଦନରେ ୪୦ଟି ଓ ପିସିସିରେ ୧୦ଟି ଅର୍ଥାତ କେନ୍ଦ୍ରରେ ଦୈନିକ ମୋଟ ୫୦ଟି ସ୍ଲଟ୍ ବୁକିଂ ପାଇଁ ଅନୁମତି ରହିଥିଲା। ପରବର୍ତ୍ତୀ ସମୟରେ ଏହି ସ୍ଲଟ ସଂଖ୍ୟାକୁ ଯଥାକ୍ରମେ ୬୦ ଓ ୧୦




ଅର୍ଥାତ ମୋଟ ୭୦କୁ ବୃଦ୍ଧି କରାଯାଇଥିଲା।

■ ସୀମିତ ସ୍ଲଟ୍ ବୁକିଂ ଯୋଗୁ ଆବେଦନକାରୀ ନିରାଶ
■ ମାସାଧିକ କାଳ ଅପେକ୍ଷା ପରେ ବି ମିଳୁନି ସେବା

କିନ୍ତୁ ଗତବର୍ଷ ଠାରୁ କେନ୍ଦ୍ରରେ କର୍ମଚାରୀ ଏବଂ ଆନୁସଙ୍ଗିକ ସୁବିଧାର ଅଭାବ କାରଣରୁ ସ୍ଲଟ ବୁକିଂ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଲା। କେନ୍ଦ୍ରରେ ମୋଟ ୩୫ଟି ନୂଆ ଅଥବା ନବୀକରଣ ଏବଂ ପିସିସି ସେବା ପାଇଁ ଅତିରିକ୍ତ ୧୦ଟି ସ୍ଲଟ ବୁକିଂର ଅନୁମତି ଫଳରେ ବର୍ତ୍ତମାନ ଦୈନିକ ମୋଟ ମାତ୍ର ୪୫ଟି ସ୍ଲଟ୍ ବୁକିଂର ବ୍ୟବସ୍ଥା ରହିଛି। ଯଦ୍ୱାରା ବହୁ ଆବେଦନକାରୀଙ୍କୁ ସ୍ଲଟ ନପାଇ ମାସାଧିକ କାଳ ଅପେକ୍ଷା କରିବାକୁ ପଡୁଛି। ୪୦ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗଞ୍ଜାମ ଜିଲ୍ଲାର ଆସିକା ଓ ବ୍ରହ୍ମପୁରରେ ପାସ୍‌ପୋର୍ଟ ସେବା କେନ୍ଦ୍ର ରହିଛି। ତେବେ ଅଳ୍ପ ସଂଖ୍ୟକ ସ୍ଲଟ୍ ବୁକିଂ ସୁଯୋଗ କାରଣରୁ ଲୋକଙ୍କୁ ସଠିକ ସେବା ମିଳିବାରେ ସମସ୍ୟା ହେଉଛି। ଫଳରେ ଜିଲ୍ଲାର ଅଧିକାଂଶ ପାସ୍‌ପୋର୍ଟ ଆବେଦନକାରୀ ଭୁବନେଶ୍ୱର ଅଥବା ଅନ୍ୟ ପାସ୍‌ପୋର୍ଟ ସେବାକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ସେହିଭଳି ସାର୍ଟିଫିକେଟ ଯାଞ୍ଚ ପରେ ଆବେଦନ ସଂକ୍ରାନ୍ତୀୟ ଅପଡ଼େଟ୍ ତଥ୍ୟ ମଧ୍ୟ ଆବେଦନକାରୀଙ୍କୁ ମିଳୁନଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ର ଉପରେ ଗଞ୍ଜାମ ସମେତ ପଡୋଶୀ ଆନ୍ଧ୍ରପ୍ରଦେଶର ବହୁ ଲୋକ ନିର୍ଭର କରିଥାନ୍ତି। ତେଣୁ ବ୍ରହ୍ମପୁରରେ ପାସ୍‌ପୋର୍ଟ ସେବା କେନ୍ଦ୍ରର ସ୍ଲଟ ବୁକିଂ ସଂଖ୍ୟାକୁ ବୃଦ୍ଧି କରିବା ସହ ଭିତ୍ତିଭୂମିର ବିକାଶ କରି ଉନ୍ନତ ସେବା ଯୋଗାଇବାକୁ ଦାବି ହୋଇଛି। ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଓୟୋରେ ଚଢ଼ଉ; ୨ ବଙ୍ଗୀୟ ମହିଳା ଉଦ୍ଧାର

ବ୍ରହ୍ମପୁର,୧୮ ।୯ (ସମିସ): ସେକ୍ସ ରାକେଟ ଚାଲୁଥିବା ସନ୍ଦେହରେ ଟାଟାବେଞ୍ଜ ଛକରେ ଥିବା ଏକ ଓୟୋ ହୋଟେଲରେ ବୈଦ୍ୟନାଥପୁର ଥାନା ପୁଲିସ ଚଢ଼ଉ କରିଛି। ଚଢ଼ଉବେଳେ ସେହି ହୋଟେଲର ଏକ ରୁମ୍‌ରୁ ୨ଜଣ ବଙ୍ଗୀୟ ମହିଳାଙ୍କୁ ଉଦ୍ଧାର କରାଯାଇଛି। ତେବେ ଏହି ମହିଳା ବିନା ପଞ୍ଜୀକରଣରେ ବହୁଦିନ ହେଲା ଉକ୍ତ ହୋଟେଲ ରୁମରେ ରହିଥିବାରୁ ପୁଲିସ ଏହି ହୋଟେଲର ମ୍ୟାନେଜର ଓ ମାଲିକଙ୍କୁ ନୋଟିସ ଜାରି କରିଛି। ଏପଟେ ମହିଳା ଜଣଙ୍କ ବ୍ରହ୍ମପୁର କାହିଁକି ଆସିଥିଲେ ଏବଂ କିଏ ସେମାନଙ୍କୁ ଆଣିଥିଲା ତାକୁ ନେଇ ପୁଲସ ଖୋଳତାଡ଼ ଆରମ୍ଭ କରିଛି।

ସିଲ୍କ ସିଟିରେ ସେକ୍ସ ରାକେଟ୍



ସୂଚନାପ୍ରକାରେ, ଟାଟାବେଞ୍ଜ ଛକରେ ଥିବା 'ଦି ରେସିଡେନ୍ସି ଇନ୍' ନାମକ ଓୟୋ ହୋଟେଲରେ ବଙ୍ଗୀୟ ଯୁବତୀଙ୍କୁ ଆଣି ସେକ୍ସ ରାକେଟ ପରିଚାଳନା କରାଯାଉଥିବା ଖବର ମିଳିବା ପରେ ବୈଦ୍ୟନାଥପୁର ଥାନାର ଏକ ପୁଲିସ ଟିମ୍ ଗୁରୁବାର ସନ୍ଧ୍ୟାରେ ସେଠାରେ ଅଚାନକ ଚଢ଼ଉ କରିଥିଲା। ହୋଟେଲର ୧୨ନଂ ରୁମ୍‌ରୁ ୨ଜଣ ବଙ୍ଗୀୟ ମହିଳା ଥିବାବେଳେ ସେମାନଙ୍କୁ ପୁଲିସ ପଚରାଉଚୁରା କରିଥିଲା। ସେହିପରି ହେଟେଲର ରେଜିଷ୍ଟ୍ରାର ଯାଞ୍ଚ ବେଳେ ଏହି ମହିଳା ଗତ ୨ରୁ ୩ଦିନ ହେଲା ହୋଟେଲରୁ ଚେକ୍ ଆଉଟ୍ ହୋଇ ଯାଇଥିବା ଲେଖା ହୋଇଥିଲା। ତେବେ ଏହାପରେ ମଧ୍ୟ ଏହି ମହିଳାମାନେ ହୋଟେଲରେ କିଭଳି ରହିଥିଲେ ସେନେଇ ମ୍ୟାନେଜରଙ୍କୁ ପଚରାଉଚୁରା ବେଳେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ପୁଲିସ ସଂପୃକ୍ତ ୨ ମହିଳା ଓ ହୋଟେଲ ମ୍ୟାନେଜରଙ୍କୁ ଥାନାକୁ ନେଇଥିବା ଜଣାପଡିଛି।

## ● ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ
## ଅଗ୍ନି ନିରାପତ୍ତା କୌଶଳ ପ୍ରଶିକ୍ଷଣ ଶିବିର



ବ୍ରହ୍ମପୁର,୧୮ ।୯ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଅଗ୍ନିଶମ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଏ. ଖଣ୍ଡଗିରି ଅଗ୍ନିଜନିତ ଭୟାବହତା ତଥା ତାର ନିରାପତ୍ତା ନିମନ୍ତେ କିଭଳି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ସେ ସମ୍ପର୍କରେ ସଚେତନତା କରିଥିଲେ। ଏହାସହ ମୁଖ୍ୟ ଆଗ୍ନିକ ମୁକ୍ତିକାନ୍ତ ନାୟକ, ଆଗ୍ନିକ ସଞ୍ଜିତ ସିଂ, ଆଗ୍ନିକ ଭିକାରୀ ଚରଣ ସାହୁ ପ୍ରମୁଖ ଅଗ୍ନି ସୁରକ୍ଷାର ବିଭିନ୍ନ କୌଶଳ ଦର୍ଶାଇଥିଲେ। ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ସମ୍ପର୍କରେ ଭୟଭୀତ ନହୋଇ ଅଗ୍ନି ନିରାପତ୍ତା ବିଭିନ୍ନ କୌଶଳ ପ୍ରୟୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ଏନସିସି. ଅଫିସର କ୍ୟାପଟେନ ଡ. ଯତୀନ ବିଷୋୟୀ, ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ, ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ସାହୁ, ଡ. ସୁସ୍ମିତା ପଟ୍ଟନାୟକ, ଡ. ବିଭୂପ୍ରସାଦ ସାହୁ, ଡ. ମନୋରଞ୍ଜନ ବିଷୋୟୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶିକ୍ଷାର ଘରୋଇକରଣ ବିରୁଦ୍ଧରେ ଏଆଇଡିଏସ୍‌ଓର ବିକ୍ଷୋଭ




ବ୍ରହ୍ମପୁର,୧୮ ।୯ (ସମିସ): ଆଇଟିଇପି (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ଲାଗୁ କରିବା ଆଳରେ ଶିକ୍ଷକ ଶିକ୍ଷାର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ବନ୍ଦ କରିବା, ଶିକ୍ଷକ ଶିକ୍ଷା ଛାତ୍ରଛାତ୍ରୀଙ୍କ ଠାରୁ ପାଇଁ ପ୍ରତିବର୍ଷ ୪୫ହଜାର ଟଙ୍କା କୋର୍ସ ଫିସ୍ ଆଦାୟ କରିବା ନିଷ୍ପତ୍ତି ବନ୍ଦ କରିବା, ସ୍ଥାୟୀ ଭିତ୍ତିରେ ଅଧ୍ୟାପକ ନିଯୁକ୍ତି କରିବା ଓ ଶିକ୍ଷକ ଶିକ୍ଷା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦେବା ଦାବିରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ଏକ ଦାବିପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏଆଇଡିଏସଓ ଓଡ଼ିଶା ରାଜ୍ୟ ସଭାପତି ସୋମନାଥ ବେହେରା, ଏଆଇଡିଏସଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, କିସାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, କାମରାଜ ସାହୁ, ବାମିଆ ଉଗ୍ରସାଣ୍ଡି, ବୈକୁଣ୍ଠ ବାରିକଙ୍କ ସହ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କୁକୁରକୁ ପିଟିପିଟି ମାରିଦେଲେ ସୁରକ୍ଷାକର୍ମୀ

ବ୍ରହ୍ମପୁର,୧୮।୯ (ସମିସ): ଅମାନବିକତାର ସବୁ ସୀମା ଟପିଛନ୍ତି ଜଣେ ସୁରକ୍ଷାକର୍ମୀ। ଏକ କୁକୁରକୁ ପିଟି ପିଟି ମାରିଛନ୍ତି। ଯାହାର ରକ୍ତରେ ଜୁଡୁବୁଡୁ ହୋଇଥିଲା ସିଟି ହସ୍ପିଟାଲ ପରିସର। ଏନେଇ ସୁରକ୍ଷାକର୍ମୀଙ୍କ ବିରୋଧରେ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଦୁଇଦିନ ପୂର୍ବେ ସିଟି ହସ୍ପିଟାଲରେ ଏକ ବୁଲା କୁକୁରକୁ ଉକ୍ତ ହସ୍ପିଟାଲରେ କାର୍ଯ୍ୟରତ ସୁରକ୍ଷାକର୍ମୀ ପିଟି ପିଟି ମାରିଦେଇଥିଲେ। ତେବେ କେଉଁ କାରଣରୁ ସେ ଏପରି କଲେ ଜଣାପଡ଼ିନାହିଁ। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳକୁ ଯାଇ ସିସିଟିଭି ଯାଞ୍ଚ କରିଛି। ବର୍ତ୍ତମାନ ସୁରକ୍ଷାକର୍ମୀ ଜଣକ ଫେରାର ରହିଛନ୍ତି। ପ୍ରକାଶ ଥାଉକି, ଗତ କିଛିମାସ ପୂର୍ବେ ଟାଉନ୍ ଥାନା ଅନ୍ତର୍ଗତ ଗାନ୍ଧୀନଗର ସପ୍ତମ ଲାଇନରେ ଗୋଟିଏ ସ୍କୁଟିରେ ୩ଜଣ ଯୁବକ ଆସି ଏକ ବୁଲା କୁକୁରକୁ ଧାରୁଆ ଅସ୍ତ୍ରରେ ହାଣିଥିଲେ। ଯାହାର ହୃଦୟବିଦାରକ ଦୃଶ୍ୟ ପାଖରେ ଲାଗିଥିବା ଏକ ସିସିଟିଭିରେ କଏଦ ହୋଇଥିଲା। ଏହି ଭିଡିଓ ଭାଇରାଲ ପରେ ବିଭିନ୍ନ ପଶୁପ୍ରେମୀ ଉଦ୍‌ବେଗ ପ୍ରକାଶ କରିଥିଲେ।

'ଏନ୍‌ଡିପିଏସ୍' ମାମଲାରେ ଅବକାରୀ ଅଧିକାରୀ ଓ ଅଧିବକ୍ତାଙ୍କ ସଲାସୁତୁରା ଅଭିଯୋଗ!

# ନିର୍ଦ୍ଦିଷ୍ଟ ଗୋଷ୍ଠୀର ଆଇନଜୀବୀଙ୍କୁ କେସ୍ ଦେଇ ପ୍ରୋତ୍ସାହିତ କରୁଛି ଅବକାରୀ ବିଭାଗ

ବ୍ରହ୍ମପୁର,୧୮ ।୯ (ସମିସ)

ଅବକାରୀ ବିଭାଗ ଅଧିକାରୀ ଓ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଆଇନଜୀବୀଙ୍କ ମଧ୍ୟରେ ସଲାସୁତୁରା ଚାଲିଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀମାନେ ଏହି ଗୋଷ୍ଠୀର ଓକିଲଙ୍କୁ ଏନ୍‌ଡିପିଏସ୍ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନା କରିବାକୁ ପ୍ରୋତ୍ସାହିତ କରୁଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆଣିଛନ୍ତି ଖୋଦ୍ କିଛି ଓକିଲ। କେବଳ ଅଭିଯୋଗ ହୋଇନାହିଁ ବରଂ ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଓ ଅବକାରୀ କମିଶନରଙ୍କ ସମେତ ଓଡିଶା ରାଜ୍ୟ ବାର କାଉନ୍‌ସିଲ, ଗଞ୍ଜାମ ଓକିଲ ସଂଘ, ଜିଲ୍ଲାପାଳ ଓ ବ୍ରହ୍ମପୁର ଏସ୍‌ପିଙ୍କୁ ଲିଖିତ ଭାବେ ଦାବି କରାଯାଇଛି। ଏଭଳି କାର୍ଯ୍ୟରେ କିଛି ମଧ୍ୟସ୍ଥି ବା ଦଲାଲଙ୍କର ମଧ୍ୟ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି।

● ଉଚ୍ଚସ୍ତରୀୟ ତଦନ୍ତ ଦାବିକରି ମୁଖ୍ୟମନ୍ତ୍ରୀ ଓ ଅବକାରୀ କମିଶନରଙ୍କୁ ଚିଠି ଲେଖିଲେ ଆଇନଜୀବୀ

● ସରକାରୀ ରେଳବାଇ ଥାନା ଓ ଭିଜିଲାନ୍ସ ବିଭାଗରେ ମଧ୍ୟ ସମାନ ବ୍ୟବସ୍ଥା ଅଭିଯୋଗ

ତେବେ ଏଭଳି କାର୍ଯ୍ୟ କେବଳ ଅବକାରୀ ବିଭାଗରେ ହେଉଛି ଏହା ନୁହେଁ ବରଂ ଭିଜିଲାନ୍ସ ଓ ସରକାରୀ ରେଳବାଇ ଥାନା ସମେତ ବିଭିନ୍ନ ଥାନାରେ ମଧ୍ୟ ହେଉଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ସରକାରୀ ଅଧିକାରୀ ଓ ଆଇନଜୀବୀ ନିଜର ନୈତିକତା ହରାଉଥିବା ବେଳେ ଅଧିବକ୍ତା ଭଳି ଏକ ସମ୍ମାନଜନକ ବୃତ୍ତି କଳୁଷିତ ହେବା ସହିତ ଏହି ବର୍ଗର ବ୍ୟକ୍ତିବିଶେଷଙ୍କ ସମ୍ମାନରେ ମଧ୍ୟ ଆଞ୍ଚ ଆସୁଥିବା କୁହାଯାଇଛି।

ଗତ କିଛିବର୍ଷ ଧରି ଏହି ଧାରା ଚାଲି ଆସିଥିବା ବେଳେ ଏଥିରେ ରୋକ ଲଗାଇବାକୁ ଦାବି କରାଯାଇଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏଭଳି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ମୁଖ୍ୟମନ୍ତ୍ରୀ, ଅବକାରୀ କମିଶନର, ରାଜ୍ୟ ଆଇନଜୀବୀ ପରିଷଦ, ଗଞ୍ଜାମ ଓକିଲ ସଂଘ, ଜିଲ୍ଲାପାଳ ଓ ବ୍ରହ୍ମପୁର ଏସପିଙ୍କ ନିକଟକୁ ଚିଠି କରାଯାଇଥିବା କହିଛନ୍ତି ଆଇନଜୀବୀ ସୂର୍ଯ୍ୟ ନାରାୟଣ ଚୌଧୁରୀ ଓ ଗଞ୍ଜାମ ଓକିଲ ସଂଘର ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତ। ଏନେଇ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ମଧ୍ୟ ଅଭିଯୋଗ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ସେ ଅବକାରୀ ହେଉ ଅଥବା ଦୁର୍ଘଟଣା କିମ୍ବା ଭିଜିଲାନ୍ସ ସମ୍ପର୍କିତ ମାମଲା ଅଧିକାଂଶ ମାମଲାରେ ଖୋଦ୍ ତଦନ୍ତକାରୀ ଅଧିକାରୀ ନିଜେ ଅଭିଯୁକ୍ତଙ୍କୁ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଆଇନଜୀବୀଙ୍କୁ ମାମଲା ପ୍ରଦାନ କରିବାକୁ ଚାପ ପକାଉଥିବା ଅଭିଯୋଗ ହୋଇଛି। ଯଦ୍ୱାରା ସହମତି ଥାଉ କିମ୍ବା ଚାପରେ ହେଉ ଅଭିଯୁକ୍ତମାନେ ବାଧ ହୋଇ ତଦନ୍ତକାରୀ ଅଧିକାରୀଙ୍କ କହିବା ପ୍ରକାରେ ମାମଲା ସମ୍ପୃକ୍ତ ଆଇନଜୀବୀଙ୍କୁ ଦେଉଛନ୍ତି। ଏକ୍ଷେତ୍ରରେ କିଛି ଦଲାଲ ମଧ୍ୟସ୍ଥତା କରୁଥିବା ବେଳେ ଆଇନଜୀବୀ ଓ ସରକାରୀ ଅଧିକାରୀଙ୍କ ନୈତିକତା ନଷ୍ଟ ହେଉଥିବା କୁହାଯାଇଛି। ଏଭଳି କଳୁଷିତ ପରମ୍ପରାକୁ ତୁରନ୍ତ ବନ୍ଦ କରିବା ପାଇଁ ଉଭୟ ଆଇନଜୀବୀ ଦାବି କରିଛନ୍ତି।

## ଏମ୍‌କେସିଜିରେ ଫର୍ମାକୋଭିଜିଲାନ୍ସ ସପ୍ତାହ



ବ୍ରହ୍ମପୁର,୧୮ ।୯ (ସମିସ): ଏମ୍‌କେସିଜି ମେଡିକାଲ ଫାର୍ମାକୋଲୋଜି ବିଭାଗର ଫର୍ମାକୋଭିଜିଲାନ୍ସ ସପ୍ତାହ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜୟନ୍ତୀ ପ୍ରଭା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ ଡିନ୍ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଓ ସମ୍ମାନୀତ ଅତିଥି ଭାବେ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ ଏବଂ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଚଳିତମାସ ୧୭ରୁ ୨୩ ପର୍ଯ୍ୟନ୍ତ ଏହି ଫର୍ମାକୋଭିଜିଲାନ୍ସ ସପ୍ତାହ ପାଳନ କରାଯିବ। ଏହି ଅବସରରେ ବିଭାଗ ପକ୍ଷରୁ ମେଡ଼ିକାଲର ବିଭିନ୍ନ ଓପିଡିରେ ଏକ ସଚେତନ ଶୋଭାଯାତ୍ରା ମାଧ୍ୟମରେ ଡାକ୍ତରମାନେ ରୋଗୀଙ୍କୁ ଔଷଧର ପାର୍ଶ୍ୱର୍ ପ୍ରତିକ୍ରିୟା ଓ ପ୍ରତିରୋଧ ସମ୍ପର୍କିତ ବିଭିନ୍ନ ବିଷୟରେ ସଚେତନ କରାଯାଇଥିଲା। ଏଥିରେ ବିଭାଗର ସହକାରୀ ପ୍ରଫେସର ଓ ଏଡିଆର୍ ମନିଟରିଂ କେନ୍ଦ୍ରର ସଂଯୋଜିକା ଡା. ପଦ୍ମଜା ପ୍ରିୟଦର୍ଶିନୀ କରଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫାର୍ମାକୋଲୋଜି ବିଭାଗର ଡ଼ା. ସ୍ୱପ୍ନା ମହାପାତ୍ର, ଡ଼ା. ଚିନ୍ମୟ ଦେବାଶିଷ ପଣ୍ଡା, ଡ଼ା ସ୍ନିଗ୍ଧାରାଣୀ ପାଣିଗ୍ରାହୀ, ଡ଼ା ଶୁଭେନ୍ଦୁ ପଣ୍ଡା, ଡ଼ା ସନ୍ଦୀପ୍ତା ଶୁଭଦର୍ଶନୀ, ଡ଼ା ପ୍ରତ୍ୟୁଷ ମିଶ୍ର, ଡ଼ା. ନିହାର ସାହୁ, ଡ଼ା ସରୋଜ ଦାଶ, ଡ଼ା ପରିଧି ମହାନ୍ତି ଓ ଡ଼ା ରାଜଲକ୍ଷ୍ମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍‌ଙ୍କୁ ହରିଦ୍ୱାରରେ ସମ୍ବର୍ଦ୍ଧନା



ରମ୍ଭା, ୧୮ ।୯ (ସମିସ): ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠରେ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ, ହରିଦ୍ୱାର ଦ୍ୱାରା ଆୟୋଜିତ ଭାରତୀୟ ସଂସ୍କୃତି ଜ୍ଞାନ-୨୦୨୪ର ଫଳାଫଳ ପ୍ରକାଶ ପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମାଜସେବୀ ଓ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି ସଭାରେ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦ, ରମ୍ଭାର ସମ୍ପାଦକ ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆଙ୍କ ସଂଯୋଜନା ଏବଂ ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଜିଲ୍ଲା ସଂଯୋଜକ ରଜନୀକାନ୍ତ ମହାପାତ୍ର ଓ ମୁଖ୍ୟବକ୍ତା ପ୍ରଫୁଲ୍ଲ ଦାସ ଯୋଗଦେଇ ଭାରତୀୟ ସଂସ୍କୃତିର ମହାନତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ରଘୁନାଥପୁର ବିବେକାନନ୍ଦ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କୁ ଶିକ୍ଷା, ସମାଜସେବା ଓ ସଂସ୍କୃତି ପ୍ରଚାରରେ ତାଙ୍କ ଅବଦାନ ପାଇଁ ବିଶେଷ ସମ୍ବର୍ଦ୍ଧନା ଦିଆଯାଇଥିଲା ।

### ସୁରକ୍ଷିତ ପାର୍ବଣ ପାଇଁ ଟିପିଏସ୍‌ଓଡିଏଲ୍‌ର ସୁରକ୍ଷା ପରାମର୍ଶ

# ଅସୁରକ୍ଷିତ ବିଜୁଳି ସଂଯୋଗରୁ ଦୂରେଇ ରହିବାକୁ ପରାମର୍ଶ

ବ୍ରହ୍ମପୁର, ୧୮ ।୯ (ସମିସ)

ଦୁର୍ଗାପୂଜା ତଥା ପାର୍ବଣ ଋତୁ ଆସିଯାଇଥିବାବେଳେ ବୈଦ୍ୟୁତିକ ନିରାପତ୍ତାକୁ ପ୍ରାଥମିକତା ଦେଇ ଦାୟିତ୍ୱପୂର୍ଣ୍ଣ ଭାବେ ଉତ୍ସବ ପାଳନ କରିବାକୁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଉପଭୋକ୍ତାମାନଙ୍କୁ ନିବେଦନ କରାଯାଇଛି । କମ୍ପାନୀ ଉତ୍ସବ ସମୟରେ ଗୁଣାତ୍ମକ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ସହ ବିଦ୍ୟୁତ ନିୟମାବଳୀର ପାଳନ ନିମନ୍ତେ ଉପଭୋକ୍ତାଙ୍କୁ ସଚେତନ କରାଉଛି । ଏଥର ଉତ୍ସବ ଯେପରି ଉଜ୍ଜ୍ୱଳମୟ ଓ ଦୁର୍ଘଟଣାମୁକ୍ତ ହେବ, ସେନେଇ ଜୋର ଦିଆଯାଉଛି । ଟିପିଏସ୍‌ଓଡିଏଲ୍ ପକ୍ଷରୁ ମଣ୍ଡପ, ପୂଜା କମିଟି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଅସ୍ଥାୟୀ ବିଦ୍ୟୁତ ସଂଯୋଗ କରାଯାଉଛି । ପୂଜା କାର୍ଯ୍ୟକ୍ରମର ଆୟୋଜକମାନେ କମ୍ପାନୀର ବିଭିନ୍ନ ସେକ୍ସନ୍, ସବଡିଭିଜନ ଓ ଡିଭିଜନ ଅଫିସରେ ପହଞ୍ଚି ଅଫଲାଇନ ଆବେଦନ କରିପାରିବେ । ସେହିଭଳି ଶୀଘ୍ର ସହାୟତା

**● ଭରସାଯୋଗ୍ୟ ବିଜୁଳି ଯୋଗାଣ, ପୂଜା ମଣ୍ଡପକୁ ଅସ୍ଥାୟୀ ସଂଯୋଗ ଲକ୍ଷ୍ୟ**

**● ଉପଯୁକ୍ତ ଆର୍ଥିଂ ଓ ୱେୟାରିଂ ସୁନିଶ୍ଚିତ ପାଇଁ ନିବେଦନ**

ପାଇଁ ଟିପିଏସ୍‌ଓଡିଏଲର ସେଲ୍‌ଫ-ସର୍ଭିସ୍ ନଂ ବ୍ୟବହାର କରିପାରିବେ । ଉପଭୋକ୍ତାମାନେ ସୁରକ୍ଷିତ ବିଦ୍ୟୁତ ବ୍ୟବହାର ଉପରେ ଗୁରୁତ୍ୱ ଦେବା ସହ ଅନଧିକୃତ ତଥା ବେଆଇନ ବିଜୁଳି ସଂଯୋଗ ନନେବା ପାଇଁ କମ୍ପାନୀ ପକ୍ଷରୁ କୁହାଯାଇଛି । ପୂଜା କମିଟି ଓ ଆୟୋଜକମାନେ ଲାଇସେନ୍ସ ପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କୁ ବିଦ୍ୟୁତ୍‌ଜନିତ କାର୍ଯ୍ୟରେ ନିୟୋଜିତ କରିବାକୁ କୁହାଯାଇଛି । ପୂଜା କାର୍ଯ୍ୟକ୍ରମ ପୂର୍ବରୁ ସମସ୍ତ ବିଦ୍ୟୁତ ସଂଯୋଗକୁ ଯାଞ୍ଚ କରିନିଅନ୍ତୁ । ଖୋଲା ତାରକୁ ବଦଳାନ୍ତୁ । ଉପଯୁକ୍ତ ଆର୍ଥିଂ ସୁନିଶ୍ଚିତ କରନ୍ତୁ । ସକେଟ୍ ଓଭରଲୋଡିଂ ଉପରେ ଧ୍ୟାନ ଦିଅନ୍ତୁ ଓ ନିମ୍ନମାନର ବିଜୁଳି ଉପକରଣ ବ୍ୟବହାର କରନ୍ତୁ ନାହିଁ । ବିଦ୍ୟୁତ ଲାଇନ ସଂସ୍ପର୍ଶରେ କୌଣସି ଉପକରଣକୁ ଆସିବାକୁ ଦିଅନ୍ତୁ ନାହିଁ । ମୂର୍ତ୍ତି ବିସର୍ଜନ ସମୟରେ ଖୁଣ୍ଟ, ଟ୍ରାନ୍ସଫର୍ମର ଓ ଜୀବନ୍ତ ତାରଠାରୁ ନିରାପଦ ଦୂରତା ରକ୍ଷା କରନ୍ତୁ । ବାଣ ଓ ଆତସବାଜି ଯେପରି ବିଦ୍ୟୁତ ଭିତ୍ତିଭୂମିଠାରୁ ଦୂରରେ ରହିବ ତାହା ସୁନିଶ୍ଚିତ କରନ୍ତୁ । ଜରୁରୀକାଳୀନ ସ୍ଥିତି ତଥା ବିଜୁଳିଜନିତ ସମସ୍ୟା ନିମନ୍ତେ ଟିପିଏସ୍‌ଓଡିଏଲର ୨୪ଘଣ୍ଟିଆ ଗ୍ରାହକ ସେବା ଟୋଲ୍ ଫ୍ରି ନମ୍ବର-୧୯୧୨କିମ୍ବା ୧୮୦୦-୨୦୨୬ରେ କଲ୍ କରିବାକୁ କମ୍ପାନୀ ପକ୍ଷରୁ ନିବେଦନ କରାଯାଉଛି । ପାର୍ବଣ ଋତୁରେ ଅଭିଯୋଗର ତୁରନ୍ତ ଶୁଣାଣୀ ନିମନ୍ତେ କମ୍ପାନୀ ଏକ ଉତ୍ସର୍ଗୀକୃତ ଗ୍ରାହକ ସେବା ଟିମ୍ ନିୟୋଜିତ କରିଛି । ଦକ୍ଷିଣ ଓଡ଼ିଶାର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଦୁର୍ଗାପୂଜା ହେଉଛି ଶକ୍ତି, ଆଲୋକ ଏବଂ ଭକ୍ତିର ଉତ୍ସବ ଏବଂ ଟିପିଏସ୍‌ଓଡିଏଲର ସର୍ବୋଚ୍ଚ ଦାୟିତ୍ୱ ହେଉଛି ଏହାର ଗ୍ରାହକଙ୍କ ସୁରକ୍ଷା ଏବଂ କଲ୍ୟାଣ । ସମସ୍ତ ଆୟୋଜକ ଏବଂ ଉପଭୋକ୍ତାଙ୍କୁ ଅସ୍ଥାୟୀ ବିଜୁଳି ସଂଯୋଗ ନେବାକୁ, ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କୁ ନିୟୋଜିତ କରିବାକୁ ଏବଂ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଶ୍ରୀ ଗର୍ଗ ଅନୁରୋଧ କରିଛନ୍ତି । ଯାହାଦ୍ୱାରା ଉତ୍ସବକୁ ବିନା ଚିନ୍ତାରେ ଓ ସୁରକ୍ଷିତ ଭାବରେ ଉପଭୋଗ କରାଯାଇପାରିବ ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆସନ୍ତୁ ମିଳିତ ଭାବରେ ଏହି ପାର୍ବଣ ଋତୁକୁ ପ୍ରତ୍ୟେକ ପରିବାର ପାଇଁ ନିରାପଦ ଏବଂ ଆନନ୍ଦଦାୟକ ଉତ୍ସବରେ ପରିଣତ କରିବା । ଏହି ସକ୍ରିୟ ପଦକ୍ଷେପ ସହିତ ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡ଼ିଶାର ସାଂସ୍କୃତିକ ଉତ୍ସବଗୁଡ଼ିକୁ ବିଶ୍ୱାସନୀୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ସହ ଏକ ସୁରକ୍ଷିତ ଉତ୍ସବ ପରିବେଶ ସୃଷ୍ଟି କରୁଛି ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ



ପୋଲସରା, ୧୮ ।୯ (ସମିସ): ପୋଲସରା ବ୍ଲକ କାର୍ଯ୍ୟାଳରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଶଶୀଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ବିଜୟ ବେହେରା ଉପସ୍ଥିତ ରହି ମନରେଗା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ସାମଗ୍ରିକ ଶିକ୍ଷା ଉପରେ ଆଲୋଚନା କରିଥିଲେ । ପୋଲସରା ବ୍ଲକର ସମସ୍ତ ୨୬ଟି ପଞ୍ଚାୟତରେ ମନରେଗା କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା । ଛାତ୍ରଛାତ୍ରୀଙ୍କ ଲାଗି ସରକାର ଯେଉଁ ପୋଷାକ ଦେଉଛନ୍ତି ତାହା ଟେଣ୍ଡର କରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କିଛି ଦୋକାନୀଙ୍କ ଦ୍ୱାରା ମିଳିଥାଏ ସତ କିନ୍ତୁ ଠିକ୍ ତରିକାରେ ଟେଣ୍ଡର ହୋଇନଥିବା କଥା ଚିରିକିପଡ଼ା ଶାସନ ସରପଞ୍ଚ ଭଗବାନ ସାହୁ ଅଭିଯୋଗ କରିଥିଲେ । ଏତଦ୍‌ବ୍ୟତୀତ ପଞ୍ଚାୟତମାନଙ୍କରେ କାମକୁ ନେଇ ଯେଉଁ ସମସ୍ୟା ରହୁଛି ସେନେଇ ଏଡିଓମାନଙ୍କୁ ପଚାରିବାରେ ସେମାନେ କୌଣସି ଉତ୍ତର ଦେଇପାରିନଥିଲେ । କନିଷ୍ଠ ଯନ୍ତ୍ରୀ ଓ ଏଡିଓ ମାନଙ୍କ ମଧ୍ୟରେ କୌଣସି ତାଳମେଳ ରହୁନଥିବା ଜଣାପଡ଼ିଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲାଣ, ଅତିରିକ୍ତ ବିଡ଼ିଓ ସୋନମ ବେହେରା, ବ୍ଲକ ସାମାଜିକ ସମୀକ୍ଷକ ବିଷ୍ଣୁ ଚରଣ ଗୌଡ଼, ଅତିରିକ୍ତ ପ୍ରକଳ୍ପ ଅଧିକାରୀ କବିରାଜ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ବିକ୍ରମ ନାୟକ ସମେତ ସରପଞ୍ଚମାନେ ଉପସ୍ଥିତ ଥିଲେ ।



ବାଲିଗୁଡ଼ା: କିଛି ଦିନର ନୀରବତା ପରେ ପୁଣି ଲାଗିଲା ମାଓ ବ୍ୟାନର

## ମା’ରାମଚଣ୍ଡୀଙ୍କ ବିଷ୍ଣୁମାୟା ବେଶ



ଗଞ୍ଜାମ, ୧୮ ।୯ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡ଼ା ପଞ୍ଚାୟତର ଅନୁଚ ପାହାଡ ଶିଖରରେ ଅବସ୍ଥିତ ମା’ ରାମଚଣ୍ଡୀଙ୍କ ପୀଠରେ ଏକାଦଶୀରେ ମା’ ବିଷ୍ଣୁମାୟା ବେଶରେ ଦର୍ଶନ ଦେଇଛନ୍ତି । ପୂଜାରେ ବିପୁଲିଙ୍ଗି ଗ୍ରାମର ଦିବାକର ଦାଶ ମୁଖ୍ୟକର୍ତ୍ତା ଓ ଗଞ୍ଜାମର ଅଶୋକ ଆଚାର୍ଯ୍ୟ ଉପକର୍ତ୍ତା ଭାବେ ଯୋଗଦେଇଥିଲେ । ପଣ୍ଡିତ ବିଜୟ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବ୍ରହ୍ମପୁରର ବେଦଧ୍ୟାୟୀ ପଣ୍ଡିତ ଚନ୍ଦ୍ରଭାନୁ କର ଓ ପଣ୍ଡିତ ରାହୁଲ ଦାଶ ଉପସ୍ଥିତିରେ ବେଦପାଠ କରାଯାଇ ପୂଜା ସମ୍ପନ୍ନ କରାଯାଇଥିଲା । ଏକାଦଶୀ ଅବସରରେ ଛତ୍ରପୁର ଅଞ୍ଚଳର ସମାଜସେବୀ ପ୍ରଶାନ୍ତ କର, ଭାଗିରଥି ବେହେରା, ଛତ୍ରପୁର ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ଏବଂ ଅନ୍ୟମାନେ ମା’ଙ୍କ ଦର୍ଶନ କରିଥିଲେ ।

## ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ

ରମ୍ଭା, ୧୮ ।୯ (ସମିସ): ଶୁକ୍ରବାର ଭୁବନୀ ଯୁଝବର ସିଂହଙ୍କ ସୃଷ୍ଟି ସମ୍ଭାର ଏବଂ ସ୍ୱର୍ଗାରୋହଣ ପୁସ୍ତକ ଉନ୍ମୋଚନ ହେବ । ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାପାଇଁ ସମ୍ମତି ପ୍ରକାଶ କରିଛନ୍ତି । ଏଥିସହିତ କବିତା ଆସର ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ମଧୁରତୁଆ ମଣିଶଙ୍କର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ବୋଲି କୁହାଯାଇଛି ।

**● ବେଳାଭୂମିରେ ବ୍ଲୁ-ଫ୍ଲାଗ୍ ଅନିୟମିତତା**

## ତହସିଲଦାରଙ୍କୁ ଅଞ୍ଚଳବାସୀଙ୍କ ସ୍ମାରକପତ୍ର

ଚିକିଟି, ୧୮ ।୯ (ସମିସ): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ସୁନାପୁର ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ମାନ୍ୟତା ମିଳିଥିଲେ ମଧ୍ୟ, ବର୍ତ୍ତମାନ ଏହାର ପରିଚାଳନାରେ ବିଭିନ୍ନ ଅନିୟମିତତା ଦେଖାଦେଇଛି । ବୁଧବାର ଏହି ବିଷୟରେ ବିଜେଡି ନେତା ଚିନ୍ମୟାନନ୍ଦ ଶ୍ରୀରୂପଦେବ ଓ ସୁରେନ୍ଦ୍ର ମଣ୍ଡଳଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକ ତହସିଲଦାରଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ଉଲ୍ଲେଖ ହୋଇଛି, ୨୦୨୦-୨୧ରେ ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ମାନ୍ୟତା ମିଳିବା ପରେ ବନ ସୁରକ୍ଷା ସମିତି ଦ୍ୱାରା ପରିଚାଳନା ହେଉଥିଲା । କିନ୍ତୁ ପରେ ବ୍ରହ୍ମପୁର ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ନୂଆ କମିଟି ଗଠିତ ସହ, ପୁରୁଣା ସମିତିକୁ ପଦଚ୍ୟୁତ କରାଯାଇଛି । ଏହି ନୂଆ କମିଟି ପକ୍ଷରୁ ଅବୈଧ ଭାବରେ ଅର୍ଥ ଆଦାୟ ହେଉଥିବା ଅଭିଯୋଗ ହୋଇଛି । ସେହିପରି ବେଳାଭୂମି ପରିଷ୍କାର ରହୁନାହିଁ, ଗାଡ଼ି ପାର୍କିଂ ସହିତ ବିଭିନ୍ନ କାରଣରେ ପର୍ଯ୍ୟଟକଙ୍କୁ ଅତିରିକ୍ତ ଟଙ୍କା ଦେବାକୁ ବାଧ୍ୟ କରାଯାଉଛି । ଏହାସହ ସମୁଦ୍ରରେ ଘଟୁଥିବା ବିଭିନ୍ନ ଦୁର୍ଘଟଣା ରୋକିବାକୁ ଆବଶ୍ୟକୀୟ ଲାଇଫ୍‌ଗାର୍ଡ ନିୟୋଜନ କରାଯାଇନଥିବା ଅଭିଯୋଗ ହୋଇଛି । ୨୦୨୨ରେ ୫୦ ଯୁବକଙ୍କୁ ଲାଇଫଗାର୍ଡ ତାଲିମ ଦିଆଯାଇଥିଲେ ମଧ୍ୟ, ସେମାନଙ୍କୁ କାମରେ ନିୟୋଜନ କରାଯାଇନାହିଁ । ଫଳରେ ପର୍ଯ୍ୟଟକମାନେ ଏଠାକୁ ଆସି ବିଭିନ୍ନ ସମୟରେ ବିପଦରେ ପଡୁଛନ୍ତି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବୁଗୁଡ଼ା, ୧୮ ।୯ (ସମିସ): ସ୍ଥାନୀୟ ପିପୁଲ୍ସ କଲେଜର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ଆଡମିନିଷ୍ଟ୍ରେଟିଭ୍ ବରସାର୍ ଡ. ପ୍ରଦୀପ କୁମାର ଦାଶ, ଆଇକ୍ୟୁଏସି କୋର୍ଡିନେଟର ଆମ୍ ପ୍ରକାଶ ନାୟକ ଯୋଗ ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ଅଧ୍ୟାପିକା ସନ୍ଧ୍ୟାରାଣୀ ସାହୁ, ଡେମୋନଷ୍ଟ୍ରେଟର୍ ପ୍ରଦୀପ କୁମାର ପ୍ରଧାନ ମଞ୍ଚାସୀନ ଥିଲେ । ଛାତ୍ରୀ ସ୍ୱାଗତିକା ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ, ଛାତ୍ରୀ ତୁଳସୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ଧରିତ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମା ପୂଜା

ପୋଲସରା, ୧୮ ।୯ (ସମିସ): ପୋଲସରା ସହରର ବିଭିନ୍ନ ଅନୁଷ୍ଠାନ, ସଂସ୍ଥା, କାରଖାନା, ବ୍ୟବସାୟିକ ଅନୁଷ୍ଠାନ ଓ ଯୁବ ସଂଗଠନମାନଙ୍କ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇ ଯାଇଛି ।



ଦାଶରଥି ନଗରସ୍ଥିତ ମେନ୍ ରୋଡ଼ରେ ବାଇକ୍ ଗ୍ୟାରେଜ ସଂଘ, ବ୍ଲକ ଛକ ନିକଟରେ ଥିବା ରାଜମିସ୍ତ୍ରୀ ସଂଘ, ବିଶ୍ୱକର୍ମା ବଢେଇ ସମାଜ, ଜୟଦୁର୍ଗା ସ୍ୱର୍ଣ୍ଣକାର ସଂଘ, ଅଭିମନ୍ୟୁ ବ୍ରିକ୍ସ୍ ଇଣ୍ଡଷ୍ଟ୍ରି ସମେତ ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି ଗୁଡ଼ିକରେ ପୂଜାର୍ଚ୍ଚନା ବହୁ ଶ୍ରଦ୍ଧାର ସହ କରାଯାଇଛି ।

## କେସି ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବ୍ରହ୍ମପୁର, ୧୮ ।୯ (ସମିସ): ହିଲପାଟଣାଠାରେ କେ.ସି ହାଇସ୍କୁଲ ୧୯୯୩ମସିହା ପୁରାତନ ଛାତ୍ର ସଂଗଠନର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୁରାତନ ଛାତ୍ର ବିଦ୍ୟାଧର ମହାରଣା, ଅରୁଣ ସାବାତ ଓ କୃଷ୍ଣ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ମହାରଣା, ସନ୍ତୋଷ କୁମାର ମିଶ୍ର ଓ ଏଚ. ଭି ରାଓଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । କାର୍ଯ୍ୟକ୍ରମରେ ନାଟକ ମାଧ୍ୟମରେ ଗୁରୁ ଓ ଛାତ୍ରଛାତ୍ରୀଙ୍କ ସମ୍ପର୍କ ବର୍ଣ୍ଣନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରସାନ୍ତ ଦଳେଇ, ସନ୍ତୋଷ କୁମାର ସାହୁ, ରାମ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ ।

## କଳିଙ୍ଗା ଘାଟିରେ ସ୍ଥିତି ଅନୁଧ୍ୟାନ କଲେ ଭଞ୍ଜନଗର ଉପଜିଲ୍ଲାପାଳ

ଭଞ୍ଜନଗର, ୧୮ ।୯ (ସମିସ)



ଭଞ୍ଜନଗର ଥାନା ଅଧିନ କଳିଙ୍ଗା ଘାଟିରେ ମଙ୍ଗଳବାର ଘଟିଥିବା ଭୂ-ସ୍ଖଳନ ପରେ ଦକ୍ଷିଣ ଓଡ଼ିଶା ସହ ପଶ୍ଚିମ ଓଡ଼ିଶାର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଭୂ-ସ୍ଖଳନ ପରେ ଘାଟି ପାଦଦେଶରୁ ପ୍ରାୟ ତିନି କିମି ଉପରରୁ ବଡ ବଡ ପଥର ଓ ମାଟି ଅତଡା ଖସି ୧୫୭ ନମ୍ବର ଜାତୀୟ ରାଜପଥ ଉପରକୁ ମାଡ଼ି ଆସିଛି । ଏହାସହ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ହେବା ସହ ଗର୍ତ୍ତ ସୃଷ୍ଟି ହୋଇଛି । ଫଳରେ ଘାଟି ରାସ୍ତାକୁ ସିଲ୍ କରାଯାଇଛି । ବୁଧବାର ଠାରୁ ଏହି ରାସ୍ତା ଦେଇ ଯାନବାହାନ ଚଳାଚଳ ବନ୍ଦ ରହିଛି । ଭୂ-ସ୍ଖଳନ ସ୍ଥାନରେ ପ୍ରାୟ ୫୦ ମିଟର ରାସ୍ତା ଉପରେ ମାଟି ଓ ପଥର ଜମା ହୋଇ ରହିଛି । ବୁଧବାର ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ସମେତ ତହସିଲଦାର, ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ବଡ଼ ବଡ଼ ମେସିନ୍ ସାହାଯ୍ୟରେ ରାସ୍ତା ଉପରେ ଜମା ହୋଇଥିବା ପଥର ଓ ମାଟିକୁ ବାହାର କରିବା କାମ ଆରମ୍ଭ ହୋଇଛି । ବୁଧବାର ଅପରାହ୍ନରେ କଳିଙ୍ଗା ଘାଟି ଉପରେ ପୁଣି ବର୍ଷା ହୋଇଥିବାରୁ କାମ ବାଧାପ୍ରାପ୍ତ ହୋଇଛି । ତେବେ ଘାଟିର ଦୀର୍ଘ ଦୁଇ କିଲୋମିଟର ରାସ୍ତା ଭୂ-ସ୍ଖଳନରେ କ୍ଷତିଗ୍ରସ୍ତ ହୋଇଥିବାରୁ ରାସ୍ତା ମରାମତି ବିଳମ୍ବ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି ।

## ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

ଗୁମ୍ମା, ୧୮ ।୯ (ସମିସ): ଗଜପତି ଜିଲ୍ଲା ଗୁମ୍ମା ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ମିନି ଷ୍ଟାଡିୟମରେ ଦୁଇ ଦିନିଆ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରେ କ୍ରୀଡ଼ା ପ୍ରତିଯୋଗିତାକୁ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ରଞ୍ଜନ ମଣ୍ଡଳ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ସମିତିସଭ୍ୟା ସିଗ୍ମାରାଣୀ, ଏସଏମସି ଅଧ୍ୟକ୍ଷ ମିହିର ଲାଲ ପାଣି, ସରପଞ୍ଚ ପୀତମଣି ରଇତ ଓ ତହସିଲଦାର ଶରତ ଶବର ଯୋଗ ଦେଇଥିଲେ । ଗୁମ୍ମା ବ୍ଲକର ବଡ଼ କଳାକଟ, ଭୁବନି, ସେରଙ୍ଗ, ଗାଇବା, ବାଇଝାଲ, ବୃଷଭ, ତୁମୁଲ ଓ ତରଭା ଆଦି ୨୫ ସରକାରୀ ବିଦ୍ୟାଳୟର ଛାତ୍ର ଛାତ୍ରୀ ଭାଗ ନେଇଛନ୍ତି । ବ୍ଲକସ୍ତରରେ କ୍ରୀଡ଼ା ପ୍ରତିଯୋଗିତାର ପ୍ରଥମ ବିବେଚିତ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଭାଗ ନେବାକୁ ମନୋନୀତ ହୋଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟର ପିଟି ଶିକ୍ଷକ ବାସୁଦେବ ରେଡ଼ି, ବୁଲୁ ସେଠୀ, ଶିବାରମ ପ୍ରଧାନ, କେ.ଆନନ୍ଦ କୁମାର, ମନୋଜ ପଟ୍ଟନାୟକ ଓ ବିଘ୍ନେଶ୍ୱର ମଲିକ ପରିଚାଳନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



